# NATIONAL NEWS BULLETIN (ODIA)
## 13 January - 2026
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଡିଜିଟାଲ୍ ଇଣ୍ଡିଆ ଷ୍ଟାର୍ଟଅପ୍ ଅଭିବୃଦ୍ଧି ଏବଂ ଯୁବ ଅଂଶଗ୍ରହଣର ମିଶ୍ରଣ ଭାରତର ଭବିଷ୍ୟତକୁ ପୁନଃ ନିର୍ମାଣ କରୁଛି, କହିଲେ ପ୍ରଧାନମନ୍ତ୍ରୀ ।
- ଜାତୀୟ କ୍ରୀଡ଼ା ସଂସ୍ଥା ଅଧିନିୟମ ୨୦୨୬ ଅଧିସୂଚନା ଜାରି କଲେ କେନ୍ଦ୍ର ସରକାର ।
- ନିର୍ଦ୍ଧାରିତ ସମୟ ସୁଦ୍ଧା ପଶ୍ଚିମବଙ୍ଗ ଭୋଟର ତାଲିକା ସଂଶୋଧନ ଅଭିଯାନ ଶେଷ କରିବା ଲାଗି ଅଧିକ ୨ହଜାର ମାଇକ୍ରୋ ଅବ୍‌ଜରଭର୍ ନିଯୁକ୍ତ ।
- ଦେଶରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ପରିମାଣ ୮ ଦଶମିକ୍ ୨ ପ୍ରତିଶତ ବୃଦ୍ଧି ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍‌ରେ ୟୁ.ପି. ୱାରିୟର୍ସ୍‌କୁ ୯ ୱିକେଟ୍‌ରେ ପରାସ୍ତ କଲା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ।

# ପିଏମ୍-ଭିବି ୟୁଥ୍ ଲିଡର୍ସ

ଡିଜିଟାଲ୍ ଇଣ୍ଡିଆ ଷ୍ଟାର୍ଟଅପ୍ ଅଭିବୃଦ୍ଧି ଏବଂ ଯୁବ ଅଂଶଗ୍ରହଣର ମିଶ୍ରଣ ଭାରତର ଭବିଷ୍ୟତକୁ ପୁନଃ ନିର୍ମାଣ କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀରେ ଗତକାଲି ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ୨୦୨୬ର ଉଦ୍‌ଯାପନୀ ଅଧିବେଶନରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ସୃଜନଶୀଳ ଏବଂ ପ୍ରଯୁକ୍ତିବିଦ୍ୟା ଜଡ଼ିତ କ୍ଷେତ୍ର ଗୁଡ଼ିକରେ ଦ୍ରୁତ ଅଭିବୃଦ୍ଧି ଦେଖୁଛି, ଯାହା ଯୁବ ଉଦ୍ଭାବକ ଏବଂ ଉଦ୍ୟୋଗୀମାନଙ୍କ ଦ୍ୱାରା ପରିଚାଳିତ ହେଉଛି । ଶ୍ରୀ ମୋଦୀ ଡିଜିଟାଲ୍ ଇଣ୍ଡିଆ ଏକ ସମ୍ପୂର୍ଣ୍ଣ ନୂଆ ସମ୍ପ୍ରଦାୟ ସୃଷ୍ଟି କରିଥିବା କହିଛନ୍ତି ।

**V/O-PM on Young leaders**

୨୦୪୭ରେ ଯେତେବେଳେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ, ତାହା ଆଜିର ଯୁବପିଢ଼ିଙ୍କ ଜୀବନ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଯୁବପିଢ଼ିଙ୍କ କ୍ଷମତା ଭାରତର କ୍ଷମତା ହେବ ଏବଂ ଦେଶ ସେମାନଙ୍କ ସଫଳତା ଉପରେ ନିର୍ଭର କରି ବିକାଶର ଶିଖର ସ୍ପର୍ଶ କରିବ । ସେ କହିଛନ୍ତି, ଯୁବ ନେତୃତ୍ୱ ବାର୍ତ୍ତାଳାପ ଏକ ଐତିହାସିକ ଏବଂ ଅନନ୍ୟ ପଦକ୍ଷେପ, ଯାହା ଖୁବ୍ କମ୍ ସମୟ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପାଲଟିଛି ।

ଆଲୋଚନାକାଳରେ ଶ୍ରୀ ମୋଦୀ ଷ୍ଟାର୍ଟଅପ୍ ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ, ବ୍ୟବସାୟର ସହଜତା ଏବଂ ଟିକସ ସରଳୀକରଣ ଭଳି ସଂସ୍କାର ମୂଳକ ପଦକ୍ଷେପ ଗୁଡ଼ିକ ଉପରେ ନିଜର ମତ ଉପସ୍ଥାପନ କରିଥିଲେ ।

ଏବେ ଦେଶରେ ୧ ହଜାରରୁ ଅଧିକ ପ୍ରତିରକ୍ଷା ଷ୍ଟାର୍ଟଅପ୍ କାର୍ଯ୍ୟ କରୁଛି ଏବଂ ଏହା ଅଧୀନରେ ଯୁବ ଉଦ୍ୟୋଗୀମାନେ ଡ୍ରୋନ୍, ଆଣ୍ଟି ଡ୍ରୋନ୍ ସିଷ୍ଟମ୍, ଏ.ଆଇ. ଆଧାରିତ କ୍ୟାମେରା ଏବଂ ରୋବୋଟିକ୍ସ ଭଳି ବିଭିନ୍ନ ପ୍ରକାର ପ୍ରଯୁକ୍ତିବିଦ୍ୟା ଉପରେ କାର୍ଯ୍ୟ କରୁଥିବା କହିଛନ୍ତି ।

**V/O-PM Yuba Shakti**

ଏହି ଅବସରରେ ପ୍ରଧାନମନ୍ତ୍ରୀ ମହାକାଶ କ୍ଷେତ୍ରର ପରିବର୍ତ୍ତନ ଏବଂ ଇସ୍ରୋର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ, ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ସମସ୍ତଙ୍କ ପାଇଁ ଏକ ମହାନ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରୁଛି ।

ସୂଚନା ଯୋଗ୍ୟ ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ୨୦୨୬ରେ ୫୦ ଲକ୍ଷରୁ ଅଧିକ ଯୁବକ ଅଂଶଗ୍ରହଣ କରିଥିଲେ ।

# ପାର୍ଲାମେଣ୍ଟ-ବଜେଟ୍ ସେସନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସଂସଦର ଉଭୟ ଗୃହକୁ ଅଭିଭାଷଣ ସହ ଚଳିତ ମାସ ୨୮ ତାରିଖରୁ ବଜେଟ୍ ଅଧିବେଶନ ଆରମ୍ଭ ହେବ । ୨୦୨୬-୨୭ ଆର୍ଥିକ ବର୍ଷର କେନ୍ଦ୍ରୀୟ ବଜେଟ୍ ଆସନ୍ତା ମାସ ୧ ତାରିଖ ରବିବାର ଦିନ ଲୋକସଭାରେ ପୂର୍ବାହ୍ନ ୧୧ଟାରେ ଉପସ୍ଥାପନ ପ୍ରକ୍ରିୟା ଆରମ୍ଭ ହେବ ।

ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ବୈଠକ ଫେବୃୟାର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୯ରୁ ଆରମ୍ଭ ହୋଇ ଏପ୍ରିଲ୍ ୨ ତାରିଖରେ ଶେଷ ହେବ । ଏହି ଅଧିବେଶନ କାଳରେ ୩୦ଟି କାର୍ଯ୍ୟ ଦିବସ ରହିଥିବା ଜଣାପଡ଼ିଛି ।

# ଗଭ୍-ସ୍ପୋର୍ଟସ୍ ଗଭର୍ଣ୍ଣାନ୍ସ ରୁଲ୍

କେନ୍ଦ୍ର ସରକାର ଜାତୀୟ କ୍ରୀଡ଼ା ପ୍ରଶାସନ ଆଇନ୍ ୨୦୨୫ ଅନ୍ତର୍ଗତ ଜାତୀୟ କ୍ରୀଡ଼ା ସଂସ୍ଥା ନିୟମ ୨୦୨୬ ଅଧିସୂଚନା ଜାରି କରିଛନ୍ତି । ଏହି ନିୟମଗୁଡ଼ିକ ମଧ୍ୟରେ ରାଷ୍ଟ୍ରୀୟ ସ୍ତରର କ୍ରୀଡ଼ା ପ୍ରତିଷ୍ଠାନ ଏବଂ ଆଞ୍ଚଳିକ କ୍ରୀଡ଼ା ସଂଘ ପାଇଁ ଖେଳାଳି ଚୟନ, କମିଟି ଗଠନ ଏବଂ ନିର୍ବାଚନ ପ୍ରକ୍ରିୟା ଭଳି ବ୍ୟବସ୍ଥା ରହିଛି ।

ପ୍ରମୁଖ ବ୍ୟବସ୍ଥା ମଧ୍ୟରେ ରାଷ୍ଟ୍ରୀୟ କ୍ରୀଡ଼ା ପ୍ରତିଷ୍ଠାନ ଗୁଡ଼ିକରେ ଅତି କମ୍‌ରେ ୪ ଜଣ ବିଶେଷ ଯୋଗ୍ୟତା ସମ୍ପନ୍ନ ଖେଳାଳିଙ୍କୁ ସାମିଲ କରିବା ସହ ୫୦ ପ୍ରତିଶତ ମହିଳା ଖେଳାଳିଙ୍କୁ ସ୍ଥାନ ଦେବା ପ୍ରସଙ୍ଗ ରହିଛି ।

## ପ୍ୟାରେଡ୍-ପାସେସ୍

ଚଳିତ ବର୍ଷ ରାଜଧାନୀ ଦିଲ୍ଲୀର କର୍ତ୍ତବ୍ୟପଥରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡର ରିହରସାଲ୍ ଦେଖିବା ଲାଗି ଦେୟମୁକ୍ତ ପାସ୍ ଯୋଗାଇ ଦିଆଯିବ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି । ଚଳିତ ମାସ ୧୫ ଏବଂ ୧୬ ତାରିଖରେ ଏହି ପାସ୍ ଉପଲବ୍ଧ ହେବ ଏବଂ ବିନା ଦେୟରେ ବୁକିଂ କରାଯାଇପାରିବ । ଜାନୁଆରୀ ୨୩ ତାରିଖରେ କର୍ତ୍ତବ୍ୟପଥରେ ଏହି ରିହରସାଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜନସାଧାରଣ ଆମନ୍ତ୍ରଣ ମୋବାଇଲ୍ ଆପ୍ କିମ୍ବା ଆମନ୍ତ୍ରଣ ୱେବ୍‌ସାଇଟ୍ ଜରିଆରେ ପାସ୍ ଲାଗି ଆବେଦନ କରିପାରିବେ ।

## ଡବ୍ଲ୍ୟୁବି-ଏସ୍‌ଆଇଆର୍

ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବା ଲାଗି ନିର୍ବାଚନ

ଆୟୋଗ ଅଧିକ ୨ହଜାର ଜଣ ମାଇକ୍ରୋ ଅବ୍‌ଜରଭର୍ ନିଯୁକ୍ତ କରିଛନ୍ତି । ଫଳରେ ପଶ୍ଚିମବଙ୍ଗରେ ମାଇକ୍ରୋ ଅବ୍‌ଜରଭର୍‌ଙ୍କ ସଂଖ୍ୟା ୬ ହଜାର ୬୦୦କୁ ବୃଦ୍ଧି ପାଇଛି । ଏହି ଅଭିଯାନରେ ପଶ୍ଚିମବଙ୍ଗରେ ଏବେ ଶୁଣାଣି ପ୍ରକ୍ରିୟା ଜାରି ରହିଛି ।

ଶୁଣାଣି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବା ଲାଗି କମିଶନ୍ ଅଧିକ ସଂଖ୍ୟକ ଶୁଣାଣି କେନ୍ଦ୍ର ସ୍ଥାପନ ସହ ଅଧିକ ସହକାରୀ ଭୋଟର ପଞ୍ଜିକରଣ ଅଧିକାରୀ ନିଯୁକ୍ତ କରିବା ବିଷୟ ଚିନ୍ତା କରୁଛନ୍ତି । ସୂଚନା ଅନୁଯାୟୀ ଆସନ୍ତା ୧୫ ତାରିଖ ଦିନ ନୂତନ ଭାବେ ନିଯୁକ୍ତି ପାଇଥିବା ମାଇକ୍ରୋ ଅବ୍‌ଜରଭର୍‌ମାନଙ୍କୁ ଦିନିକିଆ ପ୍ରଶିକ୍ଷଣ ପ୍ରଦାନ କରାଯିବ ।

ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ ପରେ ଫେବୃୟାରୀ ୧୪ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବା ଲାଗି ସମୟଧାର୍ଯ୍ୟ କରାଯାଇଛି । ସେଠାରେ ୧ କୋଟିରୁ ଅଧିକ ଭୋଟରଙ୍କ ଭୌଗଳିକ ଚିହ୍ନଟ ପ୍ରକ୍ରିୟା ବାକି ଥିବାରୁ ସେମାନଙ୍କୁ ଶୁଣାଣି ପାଇଁ ଡକାଯିବ । ଗତକାଲି ସୁଦ୍ଧା ୩୪ ଲକ୍ଷ ଭୋଟରଙ୍କୁ ଶୁଣାଣି ପାଇଁ ନୋଟିସ୍ ଜାରି କରାଯାଇଛି ।

## ଡାଇରେକ୍ଟ ଟ୍ୟାକ୍ସ କଲେକ୍‌ସନ୍

ଆୟକର ବିଭାଗ ସୂଚନା ଅନୁଯାୟୀ ଚଳିତ ମାସ ୧୧ ତାରିଖ ସୁଦ୍ଧା ଦେଶରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୮ ଦଶମିକ୍ ୮/୨ ପ୍ରତିଶତ ବୃଦ୍ଧି ପାଇଛି । ଏହି ପରିମାଣ ୧୮ ଦଶମିକ୍ ୩୮ ଲକ୍ଷ କୋଟିରୁ ଅଧିକ ହେବ ବୋଲି ବିଭାଗ କହିଛି । ସେଥିରେ ୮ ଦଶମିକ୍ ୬/୩ ଲକ୍ଷ କୋଟି ଟଙ୍କାର କର୍ପୋରେଟ୍ ଟିକସ ରହିଛି । ନେଟ୍ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ବୃଦ୍ଧି ପାଉଥିବା ବେଳେ ବାର୍ଷିକ ଟିକସ ଫେରସ୍ତ ୧୭ ପ୍ରତିଶତ ହ୍ରାସ ପାଇଛି । ସୂଚନା ଅନୁଯାୟୀ ମୋଟ୍ ପ୍ରତ୍ୟକ୍ଷ ଟିକସ ୪ ଦଶମିକ୍ ୧/୪ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୧୨ ଦଶମିକ୍ ୭ ପ୍ରତିଶତ ବୃଦ୍ଧି ପାଇବା ଆକଳନ କରାଯାଇଛି ।

## ୟୁଏସ୍-ଭିସା

ଆମେରିକା ପ୍ରଶାସନ ପ୍ରବାସୀ ଆଇନ୍‌କୁ କାର୍ଯ୍ୟକାରି କରିବା ଏବଂ ଦେଶର ସୁରକ୍ଷା ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୧ ଲକ୍ଷରୁ ଅଧିକ ଭିସା ବାତିଲ କରିଛି । ଏଥିରେ ଅପରାଧିକ କାର୍ଯ୍ୟକଳାପ ଯୋଗୁଁ ୨ହଜାର ୫୦୦ ଜଣଙ୍କ ଭିସା ବାତିଲ କରାଯାଇଥିବା ବେଳେ ୮ ହଜାର ଜଣ ଛାତ୍ରଛାତ୍ରୀଙ୍କ ଭିସା ବାତିଲ କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଭିସା ବାତିଲ କରାଯାଇଥିବା

ସୂଚନା ଦିଆଯାଇଛି । ଯେଉଁମାନେ ଆମେରିକାର ଆଇନ୍ ଅନୁପାଳନ ନ କରିବେ ସେମାନଙ୍କ ଭିସା ବାତିଲ ହେବ ବୋଲି କୁହାଯାଇଛି । ଭାରତରେ ଥିବା ଆମେରିକା ଦୂତାବାସ ପକ୍ଷରୁ ଭିସାଧାରକମାନଙ୍କୁ, ବିଶେଷ କରି ଛାତ୍ରଛାତ୍ରୀମାନଙ୍କୁ ଆଇନ୍ ଅମାନ୍ୟ କଲେ ଭିସା ବାତିଲ ଏବଂ ଆମେରିକାରୁ ନିର୍ବାସନ କରାଯିବ ବୋଲି କୁହାଯାଇଛି ।

## ୟୁଏସ୍-ଇରାନ୍ ଆଡଭାଇଜରି

ଇରାନ୍‌ରେ ଥିବା ଆମେରିକୀୟ ନାଗରିକମାନଙ୍କୁ ତୁରନ୍ତ ସ୍ଥାନ ପରିତ୍ୟାଗ କରିବା ଲାଗି କୁହାଯାଇଛି । ଆମେରିକାର ଆଭାସୀ ଦୂତାବାସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଇରାନ୍‌ରେ ଚାଲିଥିବା ପ୍ରଦର୍ଶନ ଉଗ୍ରରୂପ ଧାରଣ କରିବା ସମ୍ଭାବନା ରହିଛି । ଦୂତାବାସ ପକ୍ଷରୁ କୁହାଯାଇଛି, ଯୋଗାଯୋଗ ବ୍ୟାହତ ହେବା ସହ ପ୍ରଦର୍ଶନ ଯୋଗୁଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ । ଆର୍ମେନିଆ କିମ୍ବା ତୁର୍କୀ ଦେଇ ଇରାନ୍‌ରୁ ବାହାରକୁ ଚାଲିଯିବା ଲାଗି ଆମେରିକା ତାର ନାଗରିକମାନଙ୍କୁ ପରାମର୍ଶ ଦେଇଥିବା ବେଳେ ଆମେରିକା ପ୍ରଶାସନ ଠାରୁ କୌଣସି ସାହାଯ୍ୟ ଆଶା ନ କରିବାକୁ କୁହାଯାଇଛି । ଯେଉଁମାନେ ସେହି ଅଞ୍ଚଳ ଛାଡ଼ି ପାରିବେ ନାହିଁ ସେମାନଙ୍କୁ କୌଣସି ସୁରକ୍ଷିତ ସ୍ଥାନରେ ରହିବା ପାଇଁ ଆମେରିକା କହିଛି ।

# ଏମସ୍‌-ନିପା ଭାଇରସ

ପଶ୍ଚିମବଙ୍ଗରେ ଦୁଇ ଜଣ ନିପା ଭାଇରସ୍‌ରେ ସଂକ୍ରମିତ ହୋଇଥିବା ଚିହ୍ନଟ ହେବା ପରେ କେନ୍ଦ୍ର ସରକାର ଏହାର ନିୟନ୍ତ୍ରଣ ପାଇଁ ଏକ ଜାତୀୟ ଯୁଗ୍ମ କମିଟି ଗଠନ କରିଛନ୍ତି । କଲ୍ୟାଣୀ ସ୍ଥିତ ଏମସ୍‌ରେ ଥିବା ଭାରତୀୟ ଚିକିତ୍ସକ ଗବେଷଣା ପରିଷଦର ସଂକ୍ରାମକ ଗବେଷଣା ଏବଂ ଚିହ୍ନଟ ପରୀକ୍ଷାଗାରରେ ଏହି ଦୁଇଟି ମାମଲା ରହିଥିବା ଜଣାପଡ଼ିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, କେନ୍ଦ୍ର ସରକାର ନିପା ଭାଇରସର ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାରଗୁଡ଼ିକୁ ସବୁ ପ୍ରକାର ସହାୟତା କରିବା ଲାଗି ପ୍ରସ୍ତୁତ ଅଛନ୍ତି । ଏ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ନଡ୍ଡା ପଶ୍ଚିମବଙ୍ଗର ସ୍ୱାସ୍ଥ୍ୟ ସଚିବ ଏବଂ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ସେ ଆଲୋଚନା କରିବା ସହ କେନ୍ଦ୍ର ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଛନ୍ତି ।

# ଡବ୍ଲ୍ୟୁପିଏଲ୍‌

ମହିଳା ପ୍ରିମିୟର୍ ଲିଗ୍‌ରେ ଗତକାଲି ସନ୍ଧ୍ୟାରେ ନଭି ମୁମ୍ବାଇରେ ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୯ ଓ୍ୱିକେଟ୍‌ରେ ୟୁ.ପି.

ୱାରିୟର୍ସ୍‌କୁ ପରାସ୍ତ କରିଛି । ୧୪୪ରନ୍‌ର ପିଛା କରି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଗୋଟିଏ ୱିକେଟ୍ ବିନିମୟରେ ୧୨ ଓଭର ଗୋଟିଏ ବଲ୍‌ରେ ୧୪୫ରନ୍ ସଂଗ୍ରହ କରିଥିଲା । ପ୍ରଥମେ ବ୍ୟାଟିଂ କରି ୟୁ.ପି. ୱାରିୟର୍ସ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୪୩ରନ୍ କରିଥିଲା ।

ମହିଳା ପ୍ରିମିୟର୍ ଲିଗ୍‌ରେ ଆଜି ନଭି ମୁମ୍ବାଇର ଡକ୍ଟର ଡି.ୱାଇ. ପାଟିଲ୍ କ୍ରୀଡ଼ା ଏକାଡେମୀରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଜାଏଣ୍ଟସ୍ ମଧ୍ୟରେ ମୁକାବିଲା ହେବ ।

## ବ୍ୟାଡ୍‌ମିଣ୍ଟନ୍-ଇଣ୍ଡିଆ ଓପନ୍

ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧି ଇନ୍ଦୋର ଷ୍ଟାଡିୟମ୍‌ରେ ଆଜିଠାରୁ ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା ଆରମ୍ଭ ହେବ । ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ପି.ଭି. ସିନ୍ଧୁ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ ।

ମହିଳା ଡବଲ୍ସରେ ତ୍ରିସା ଜଲି ଏବଂ ଗାୟତ୍ରୀ ଗୋପିଚାନ୍ଦ ଭାଗ ନେବେ । ଆଜି ପୁରୁଷ ଏକକ ପ୍ରଥମ ମ୍ୟାଚ୍‌ରେ ଭାରତର ଲକ୍ଷ୍ୟ ସେନ ଏବଂ ଆୟୁଷ ସେଟ୍ଟୀ ଅବତୀର୍ଣ୍ଣ ହେବେ ।